# "କୁହା ବୋଲା କରି ଚାକିରୀ କରାଇ ଦେଲି ଏବଂ ସ୍କୁଟି ଗାଡ଼ି ମଧ କରିଦେଲି" !

ମୋର ନାମ ପ୍ରକାଶ କୁମାର ପେଠୋଇ (ଛଦ୍ମନାମ) । ଘର ଅନୁଗୁଳ ଜିଲ୍ଲା କଣ୍ଟିଆ ଥାନା ପାଖରେ । ପିଲାବେଳୁ ବିଭିନ୍ନ ସାମାଜିକ କାମରେ ରହିଥିଲି । ଯୁବାବସ୍ଥାରେ ଓଡ଼ିଶାରେ ଏକ ପ୍ରମୁଖ ଖବର କାଗଜରେ ସମ୍ପାଦିକତା କରିବା ସହ, ରାଜନିତୀ କରିବା ପାଇଁ ସ୍ୱପ୍ନ ମଧ ଦେଖୁଥିଲି । ଏପରିକି ଏକ ପ୍ରମୁଖ ଦଳ ସହିତ ମିଶି କାମ ମଧ କଲି । ଘରେ ବିବାହ ପାଇଁ କହିବାରୁ ମୁଁ ମନେ ମନେ ଭାବିଥିଲି ଯେ, ଯେହେତୁ ମୁଁ ରାଜନିତୀ କରିବି, ଘରକୁ ଏକ ଭଲ ଝିଅ ଅର୍ଥାତ୍ ପରିବାରକୁ ଚଳାଇଲା ଭଳି ଝିଅର ଆବଶ୍ୟକତା ରହିଛି । ୨୦୦୭ ମସିହାରେ ମୁଁ ବିବାହ କରିଥିଲି ଜଣେ ଅତ୍ୟନ୍ତ ସାଧାରଣ ପରିବାରର ଝିଅକୁ ବାହାଘରର ମାତ୍ର କିଛି କେଇଦିନ ପରେ ମୋ ସ୍ତ୍ରୀ ଚାହିଁଲା ମୁଁ ଯାଇ ତାଙ୍କ ଘରେ ରହିବା ପାଇଁ । ମାତ୍ର ମୁଁ ଏଥିରେ ଅନିଚ୍ଛା ପ୍ରକାଶ କଲି । ଫଳରେ ମୋର ସ୍ତ୍ରୀ ତାଙ୍କ ଘରକୁ ଯାଇ ବିଭିନ୍ନ ବାହାନା କରି ସେଠାରୁ ଆଉ ଫେରିଲେ ନାହିଁ । ମାତ୍ର ପରମୁହୂର୍ତ୍ତରେ ମୁଁ ଜାଣିଲି ତାଙ୍କର ସେହି ଗାଁରେ ଜଣେ ପୁଅ ସହିତ ବିବାହ ପୂର୍ବରୁ ସମ୍ପର୍କ ଥିଲା । ବାରମ୍ବାର ଚେଷ୍ଟା ସତ୍ତ୍ୱେ ସେ ତାଙ୍କ ଗାଁରୁ ନଆସିବାରୁ ମୁଁ ବାଧ ହୋଇ ଓକିଲ ପରାମର୍ଶ ପରେ ଏକ ଛାଡ଼ପତ୍ର କେସ୍ କରିଥିଲି । ଛାଡ଼ପତ୍ର କେସ୍‌ର କିଛିଦିନ ପରେ ମୋର ସ୍ତ୍ରୀ ମୋଟୁ ଗାଁ ଥାନାରେ ମୋ ନାମରେ ଏକ ଯୌତୁକ ନିର୍ଯାତନା କେସ୍ କରିଥିଲେ । ତଥାପି ମଧ ପରିବାରରେ ପୂର୍ବାବସ୍ଥା ଫେରିପାଇବା ପାଇଁ ମୁଁ ଚେଷ୍ଟା ଜାରୀ ରଖିଲି । ସ୍ତ୍ରୀ ପାଇଁ "କୁହା ବୋଲା କରି ଚାକିରୀ କରାଇ ଦେଲି ଏବଂ ସ୍କୁଟି ଗାଡ଼ି ମଧ କରିଦେଲି" । କିନ୍ତୁ ତାଙ୍କର ଏକ ଜିଦ୍ ଥିଲା ମୁଁ ଯାଇ ତାଙ୍କ ଗାଁରେ ରହିବା ପାଇଁ । ଯାହା ମୋ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ ଥିଲା । ସେ ଦୀର୍ଘ ବର୍ଷ ଧରି ନଆସିବାରୁ ମୁଁ ବିଭିନ୍ନ ଲୋକଙ୍କୁ ପଠାଇ ଏହାର ସମାଧାନ କରି ଆପ୍ରାଣ ଉଦ୍ୟମ କଲି । କାରଣ ଘରେ ୭୫ ବର୍ଷର ବୃଦ୍ଧ ବାପା ମା'ଙ୍କୁ ନେଇ ଚଳିବା ମୋ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ ଥିଲା । ଭଦ୍ରଲୋକ ମାଧମରେ ଟେଲିଫୋନ୍ ଯୋଗେ ସେ ମୋତେ କହିଲେ ମୋତେ ଅପେକ୍ଷା ନକରି ତୁମେ ଅନ୍ୟତ୍ର ବିବାହ କର । ଏହାପରେ ମୁଁ ନିଜେ ଯାଇ ତାଙ୍କୁ ପଚାରିବାରୁ ଠିକ୍ ଏକାକଥା କହିଲେ । ତାଙ୍କ କଥାରେ ବିଶ୍ୱାସ କରି ମୁଁ ପୁନଃ ଏକ ଝିଅକୁ ଆଣି ଘର ବୁଝାସୁଝା କରିବା ପାଇଁ ରଖିଲି । ଏହାର କିଛିଦିନ ପରେ ମୋ ନାମରେ ପରିବାର ଅଦାଲତରେ କେସ୍‌ମାନ ଲଟା ଚାଲିଲା । ମୁଁ ସମ୍ପୂର୍ଣ୍ଣ ନିରୁପାୟ । କୌଣସି ସମାଧାନ ପାଇଁ ସ୍ତ୍ରୀ ମୋର ରାଜି ନାହାଁନ୍ତି । କେବଳ ଗୋଟିଏ ଜିଦ୍ ଯେ, ମୁଁ ଯାଇ ଶ୍ୱଶୁର ଘରେ ରହିବି । ଯାହା ମୋ ପକ୍ଷରେ ଅସମ୍ଭବ । ସ୍ତ୍ରୀ ମୋତେ ଧମକ ଦେଉଛି, ମାଡ଼ ମାରି କହୁଛି, ମୁଁ ଆତ୍ମହତ୍ୟା କଲା ପର୍ଯ୍ୟନ୍ତ ସେ ତାର ଲଢାଇ ଜାରୀ ରଖିବ.............

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।